Largest Circulated Odia Daily

SAMBAD ସମ୍ବାଦ ସର୍ବାଧିକ ପ୍ରସାରିତ ଓଡିଆ ଦୈନିକ

OMC www.orissamining.com Orissa Mining Corporation A Govt. of Orissa Undertaking ERP @ OMC

ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର

ସର୍ବଭାରତୀୟ ର୍ୟାଙ୍କଧାରୀଙ୍କ ପାଇଁ ବି.ଟେକ୍ କାଉନ୍ସେଲିଂ ୨୪ରୁ , ନୀତିଶ କାଟାରା ହତ୍ୟା ମାମଲା: ଭାରତୀ

ତାରିଖ : ୭/୨୩/୨୦୦୬


- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ


ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୨୫.୫ | ୩୧.୧ |
| କଟକ | ୨୦.୮ | ୩୧.୦ |
| ବାଲେଶ୍ୱର | ୨୩.୭ | ୩୨.୨ |
| ଗୋପାଳପୁର | ୨୬.୬ | ୨୯.୨ |
| ଝାରସୁଗୁଡ଼ା | ୨୨.୭ | ୨୯.୫ |

ବିତର୍କ/ମତାମତ ସଂଗ୍ରହ

ଓଡ଼ିଶାରେ ଝାଡ଼ଖଣ୍ଡକୁ ବନ୍ଦର କରିବାକୁ ଦିଆଯିବା ଉଚିତ କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ଭୁବନେଶ୍ୱରରେ ଆଇଆଇଟି ଶାଖା ଖୋଲିବ

ଭୁବନେଶ୍ୱର, (ଇମିସ): ଇସ୍ପାତ, ଆଲୁମିନିୟମ ଓ ବିଦ୍ୟୁତ କମ୍ପାନିମାନଙ୍କ ଭିଡ଼ ପରେ ଏବେ ଓଡ଼ିଶାରେ ବଡ଼ ବଡ଼ ଶିକ୍ଷା ପ୍ରତିଷ୍ଠାନ ସ୍ଥାପନ କରିବା ପାଇଁ ଭିଡ଼ ଆରମ୍ଭ ହୋଇଛି। ୩ ଦିନ ତଳେ ପୁରୀରେ ବିଶ୍ୱସ୍ତରୀୟ ଘରୋଇ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ରାଜ୍ୟ ସରକାର ବେଦାନ୍ତ କମ୍ପାନି ସହ ବୁଝାମଣାପତ୍ର ସ୍ୱାକ୍ଷର କଲେ। ଗତକାଲି ଅନୀଲ ଅମ୍ବାନି ଘୋଷଣା କଲେ, ରିଲାଏନ୍ସ ଧୀରୁଭାଇ ଅମ୍ବାନି ଗ୍ରୁପ ଭୁବନେଶ୍ୱରରେ ଆଇଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବ। ଇଂଜିନିୟରିଂ ଶିକ୍ଷାଦାନରେ ଦେଶର ସର୍ବୋତ୍କୃଷ୍ଟ ସଂସ୍ଥା ଭାବେ ଜଣାଶୁଣା ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ମଧ୍ୟ ଓଡ଼ିଶାରେ ଏହାର ଶାଖା ଖୋଲିବାକୁ ଆଗ୍ରହ ପ୍ରକାଶ କରିଛି। ଭୁବନେଶ୍ୱରରେ ଏହି ଶାଖା ସ୍ଥାପନ କରିବାକୁ ଖଡ଼ଗପୁର ସ୍ଥିତ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଏସ୍.କେ.ଦୁବେ ଗତକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିଛନ୍ତି। ଖଡ଼ଗପୁର ଭଳି ଭୁବନେଶ୍ୱର ଶାଖାରେ ୫ ହଜାର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଦାନ ବ୍ୟବସ୍ଥା ରହିବ ଏବଂ ଜୈବ ବିଜ୍ଞାନ, ଧାତୁ ବିଜ୍ଞାନ, ଖଣି ଓ ଅନ୍ୟାନ୍ୟ ନୂଆ ବିଷୟରେ ବିଭାଗ ଖୋଲାଯିବ ବୋଲି ପ୍ରଫେସର ଦୁବେ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ। ଏକ ମାସ ମଧ୍ୟରେ ଏ ସଂକ୍ରାନ୍ତିୟ ପ୍ରକଳ୍ପ ରିର୍ପୋଟ ପ୍ରସ୍ତୁତ କରାଯିବ। ଆଇଆଇଟି ସ୍ଥାପନ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ଯେ ଖଡ଼ଗପୁର ଆଇଆଇଟି ପକ୍ଷରୁ ଦୁଇଟି ଶାଖା ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା। କୋଲକାତାରେ ପ୍ରଥମ ଶାଖା ଖୋଲିବାକୁ ଜମି ଅଧିଗ୍ରହଣ ସରିଛି। ଏଥିପାଇଁ ପ୍ରଥମ ଦଫାରେ ୨୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ବ୍ୟବସ୍ଥା ରହିଛି।

ପୂର୍ବପୃଷ୍ଠା





ଆମ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁବାସ ପାଣି ଭୁବନେଶ୍ୱର ବିମାନ ବନ୍ଦରକୁ ଆନ୍ତର୍ଜାତିକସ୍ତରୀୟ କରାଯିବା ଏବଂ ଝାରସୁଗୁଡ଼ାଠାରେ ଦ୍ୱିତୀୟ ମହାଯୁଦ୍ଧକାଳରୁ ରହିଥିବା ବିମାନ ବନ୍ଦରର ଉନ୍ନତିକରଣ କରିବା ସମ୍ପର୍କରେ ବିମାନ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ କେ. ରାଜଲିଙ୍ଗମ୍‌ଙ୍କ ସହ ଆଲୋଚନାରତ (ଉପର)। ଝାଡଖଣ୍ଡର ମୁଖ୍ୟ ଶାସନ ସଚିବ ମନୋଜ କୁମାର ମଣ୍ଡଳ ସୁବର୍ଣ୍ଣରେଖା ମୁହାଣରେ ବନ୍ଦର କରିବା ପ୍ରସ୍ତାବ ସେନି ଭୁବନେଶ୍ୱରରେ। (ତଳ)

ଅନ୍ୟାନ୍ୟ ଖବର


- ବୋଲବମ୍ ଯାତ୍ରା: ଦ୍ୱିତୀୟ ଶୁକ୍ରବାର ପଚାଶ ହଜାର ଶ୍ରଦ୍ଧାଳୁ କଟକରୁ ପାଣି ଉଠାଇଲେ
- ରାସ୍ତା ପାଇଁ ସଂଘର୍ଷ; ୩୦ରୁ ଅଧିକ ଆହତ
- ଚେକିଂ ନାଁରେ ଟ୍ରକ ମାଲିକଙ୍କ ଉପରେ ଆଉ ଜୁଲମ୍ ହେବ ନାହିଁ
- ଯୌତୁକ ନିର୍ଯାତନା ଅଭିଯୋଗ, ଶାଶୁ-

ଶ୍ୱଶୁର ଗିରଫ
- ଆଦିବାସୀଙ୍କୁ ପଟ୍ଟା ପ୍ରଦାନ ଦାବିରେ ଗଣଧାରଣା
- 'ରୋଗୀ ମୁହଁରେ ହସ ନ ଫେରିବା ପର୍ଯ୍ୟନ୍ତ ଚିକିତ୍ସା ଅସମ୍ପୂର୍ଣ୍ଣ'
- ନେପାଳୀ ଓ ବାଂଲା ଆତଙ୍କବାଦୀ ସଂପୃକ୍ତ
- ନକ୍ସଲ ବିଦେଶରୁ ସାହାଯ୍ୟ ପାଉଛନ୍ତି!
- ଜମି ଦଖଲ ନେଇ ଉତ୍ତେଜନା, ୧୦ ଆହତ
- ଟ୍ରେନ୍ ଆଗକୁ ଡେଇଁ ଶିକ୍ଷକଙ୍କ ଆତ୍ମହତ୍ୟା
- ଇଞ୍ଜିନିୟର ସଂଜୀବ ପଟ୍ଟନାୟକଙ୍କ ସ୍ପଷ୍ଟୀକରଣ
- ଦରଦାମ ବୃଦ୍ଧି ବିରୋଧରେ ବିକ୍ଷୋଭ
- ଟ୍ରକ୍-ମଟର ସାଇକଲ ଧକ୍କା, ଦୁଇ ମୃତ
- କଂଗ୍ରେସ ନେତାମାନଙ୍କୁ ନିର୍ଦ୍ଦେଶ: କ୍ଷେତ୍ରକୁ ଯାଅ




Copyright © 2001 orissasambad.com

Site Developed by : www.wayindia.com